# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**5 June - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ଲୋକସଭାକୁ ଭଙ୍ଗ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍‌ର ସୁପାରିଶ୍

– ଅପରାହ୍ଣରେ ଏନ୍‌ଡିଏ ଏବଂ ଇଣ୍ଡି ମେଣ୍ଟର ପୃଥକ ପୃଥକ ବୈଠକ ହେବ ଅନୁଷ୍ଠିତ

- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଦେଲେ ଇସ୍ତଫା

- ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ହେବ ଅନୁଷ୍ଠିତ

ଏବଂ

- ପରିବେଶକୁ ସନ୍ତୁଳିତ ରଖିବାରେ ସମାଜର ଦାୟିତ୍ୱବୋଧକୁ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପରିବେଶ ଦିବସ

*Desk*

# କ୍ୟାବିନେଟ୍ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ତାଙ୍କ ବାସଭବନରେ କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହା, ନୀତିନ ଗଡ଼କରୀଙ୍କ ସମେତ କ୍ୟାବିନେଟ୍‌ର ଅନ୍ୟ ମନ୍ତ୍ରିଗଣ ଏହି ବୈଠକରେ ଯୋଗ ଦେଇଥିଲେ । ସପ୍ତଦଶ ଲୋକସଭାକୁ ଭଙ୍ଗ କରିବା ଲାଗି ସୁପାରିଶ୍ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିଭଳି ନୂତନ ସରକାର ଗଠନ ନେଇ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

*Desk*

# ନିର୍ବାଚନ -୨

ଲୋକସଭା ନିର୍ବାଚନର ଫଳାଫଳ ଘୋଷଣା ପରେ ଏନ୍.ଡି.ଏ. ଏବଂ ଇଣ୍ଡି ମେଣ୍ଟ ପକ୍ଷରୁ ଆଜି ଅପରାହ୍ଣରେ ପୃଥକ ପୃଥକ୍ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଏନ୍‌ଡିଏର ଅଂଶୀଦାର ଦଳ ତେଲୁଗୁ ଦେଶମ ପାର୍ଟିର ନେତା ଚନ୍ଦ୍ରବାବୁ ନାଇଡୁ ଏବଂ ଜନତା ଦଳ ୟୁନାଇଟେଡ୍ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନୂଆଦିଲ୍ଲୀରେ ପହଁଞ୍ଚିଛନ୍ତି। ସେହିଭଳି ଇଣ୍ଡିମେଣ୍ଟର ନେତା ଶରଦ ପାୱାର ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଦିଲ୍ଲୀରେ ପହଞ୍ଚିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୫୪୩ ଲୋକସଭା ଆସନ ମଧ୍ୟରୁ ଏନ୍.ଡି.ଏ. ୨୯୨ଟି ଆସନ ହାସଲ କରିଥିବା ବେଳେ ଇଣ୍ଡି ମେଣ୍ଟ ୨୩୩ଟି ସିଟ୍‌ରେ ବିଜୟ ହାସଲ କରିଛି । ଅନ୍ୟାନ୍ୟ ୧୮ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୨୪୦ ସିଟ୍ ପାଇଥିବା ବେଳେ ତେଲୁଗୁ ଦେଶମ୍ ୧୬ ଏବଂ ଜେ.ଡି.ୟୁ. ୧୨ଟି ଆସନ ପାଇଛି । ସେହିଭଳି କଂଗ୍ରେସ ଏକାକୀ ୯୯ଟି ଆସନ ଜିତିଥିବା ବେଳେ ସମାଜବାଦୀ ପାର୍ଟି ୩୭, ତୃଣମୂଳ କଂଗ୍ରେସ ୨୯ ଏବଂ ଡି.ଏମ୍.କେ. ୨୨ଟି ସିଟ୍ ହାସଲ କରିଛି ।

***BBSR***

## ନବୀନ ପଟ୍ଟନାୟକଙ୍କ ଇସ୍ତଫା

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଇସ୍ତଫା ପ୍ରଦାନ କରିଛନ୍ତି। ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ନବୀନ ପଟ୍ଟନାୟକ ଆଜି ପୂର୍ବାହ୍ନ ସାଢେ଼ ୧୧ଟାରେ ନବୀନ ନିବାସରୁ ବାହାରି ରାଜଭବନ ଯାଇ ସେଠାରେ ରାଜ୍ୟପାଳଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ନବୀନ ରାଜଭବନ ଅଭିମୁଖେ ଯିବା ପୂର୍ବରୁ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ,

ଦେବୀ ମିଶ୍ର, ଅରୁଣ ସାହୁ ପ୍ରମୁଖ ନବୀନ ନିବାସରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ। ସୂଚନାଯୋଗ୍ୟ, ଗତକାଲି ଘୋଷିତ ହୋଇଥିବା ବିଧାନସଭାର ଫଳାଫଳ ଅନୁସାରେ ବିଜେପି ୭୮ଟି ଆସନ ପାଇଥିବା ବେଳେ ବିଜୁ ଜନତା ଦଳ ୫୧ଟି ଏବଂ କଂଗ୍ରେସ ୧୪ଟି ଆସନ ପାଇଛି।

***Puri***

## ବାଣ ବିସ୍ଫୋରଣ ଘଟଣା

ଶ୍ରୀକ୍ଷେତ୍ର ପୁରୀ ନରେନ୍ଦ୍ର ପୁଷ୍କରିଣୀ ଦେବୀଘାଟ ଠାରେ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୫ରେ ପହଁଞ୍ଚିଛି। ଏହି ଘଟଣାରେ ଅନ୍ୟ ୧୨ ଜଣ ଆହତ ମାନେ ବର୍ତ୍ତମାନ ମଧ୍ୟ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତିନିଜଣଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିବା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାକୁ ନେଇ ଆଜି ପୁରୀ ସର୍କିଟ୍ ହାଉସ୍‌ଠାରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ। ଘଟଣା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ କିମ୍ବା ତଥ୍ୟ ଉପସ୍ଥାପନ କରିବାକୁ ଥିଲେ ଅପରାହ୍ନ ୩ଟାରୁ ୭ଟା ମଧ୍ୟରେ ବୈଠକରେ ଉପସ୍ଥାପନ କରିବା ପାଇଁ କୁହାଯାଇଛି। କମିଶନରଙ୍କ ଏହି ତଦନ୍ତ ପ୍ରକ୍ରିୟାରେ ବିଭିନ୍ନ ବିଭାଗର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ।

***Desk***

## ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା

ରାଜ୍ୟରେ ବିଜେପିର ବିଜୟ ପରେ ରାଜ୍ୟ ବିଜେପି ନିର୍ବାଚନ ସହପ୍ରଭାରୀ ଲତା ଉସେଣ୍ଡି ପ୍ରତିକ୍ରିୟା ରଖି କହିଛନ୍ତି, ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯିବ। ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ହେବ ବୋଲି ସେ କହିଛନ୍ତି। ଓଡ଼ିଶା ଲୋକଙ୍କ ମତ ଓ ଭାବନା ଭୋଟ୍‌ରେ ରୂପାନ୍ତରିତ ହୋଇଛି। ମୋଦୀ ଗ୍ୟାରେଣ୍ଟି ଉପରେ ଭରସା କରି ଓଡ଼ିଶାରେ ବିଜେପି ସରକାର ଗଠନ ହେବ। ଏଥିପାଇଁ ସମଗ୍ର ରାଜ୍ୟବାସୀଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ରାଜ୍ୟବାସୀଙ୍କ ଭାବନାକୁ ଆଧାର କରି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

***Desk***

## ସ୍ମୃତିଚାରଣ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ସରସଂଘ ଚାଳକ, ପରମପୂଜ୍ୟ ଗୁରୁଜୀ ମାଧବରାଓ ସଦାଶିବରାଓ ଗୋଲଓ୍ୱଲଙ୍କରଙ୍କ ପୁଣ୍ୟତିଥି ଅବସରରେ ଧର୍ମେନ୍ଦ୍ର ପ୍ରଧାନ ସ୍ମୃତିଚାରଣ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ନିଜର ସମ୍ପୂର୍ଣ୍ଣ ଜୀବନ ରାଷ୍ଟ୍ର ଓ ସମାଜର ସେବାରେ ସମର୍ପିତ କରିଥିବା ଗୁରୁଜୀ ଗୋଲଓ୍ୱଲଙ୍କରଙ୍କ ଜୀବନ ଓ ବିଚାର ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣା।

**Desk**

# ବନକଲାଗି

ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବାପରେ ଏହି ନୀତି ଆରମ୍ଭ ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଆଜି ସନ୍ଧ୍ୟା ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ପରମ୍ପରା ଅନୁଯାୟୀ, ଦତ୍ତ ମହାପାତ୍ର ସେବକମାନେ ବିଭିନ୍ନ ପ୍ରାକୃତିକ ରଙ୍ଗରେ ଶ୍ରୀଜୀଉଙ୍କ ଶ୍ରୀମୁଖ ସିଂହାର କରିବେ। ବନକଲାଗି ନୀତି ସରିବା ପରେ ଶ୍ରୀଜୀଉଙ୍କୁ ମହାସ୍ନାନ, ସନ୍ଧ୍ୟା ଆଳତୀ, ସନ୍ଧ୍ୟା ଧୂପ, ଚନ୍ଦନଲାଗି, ବଡ଼ ସିଂହାର ବେଶ ଓ ଭୋଗ ଏବଂ ରାତ୍ର ପହୁଡ଼ କରାଯିବ।

***Desk***

# ନିଟ୍

ମେଡ଼ିକାଲ ପଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ନିଟ୍ ପକ୍ଷରୁ ଟପର ତାଲିକା ପ୍ରକାଶ କରାଯାଇ ନଥିଲେ ମଧ୍ୟ ୬୭ ଜଣ ଛାତ୍ରଛାତ୍ରୀ ୯୯ ଦଶମିକ ୯/୯ ପ୍ରତିଶତ ସ୍କୋର୍ ହାସଲ କରି ୧ନମ୍ବର ସ୍ଥାନରେ ରହିଛନ୍ତି । ଚଳିତବର୍ଷ ଦେଶ ତଥା ଦେଶ ବାହାରେ  ମୋଟ୍ ୫୫୭ଟି ସହରରେ ହୋଇଥିବା ୪ ହଜାର

୭୫୦ଟି କେନ୍ଦ୍ରରେ ୨୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବାଲାଗି ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୯୬ ଦଶମିକ ୯/୪ ପ୍ରତିଶତ ପରୀକ୍ଷା ଦେଇଥିଲେ । ଯୋଗ୍ୟ ଛାତ୍ରଛାତ୍ରୀ ପରୀକ୍ଷା ଫଳ ସଂପର୍କିତ ଅଧିକ ତଥ୍ୟ ପାଇଁ **www.mcc.nic.in** ରୁ ଜାଣିପାରିବେ ।

***Sonepur/Nabrangpur/Desk***

# ପରିବେଶ ଦିବସ

ଆଜି ବିଶ୍ୱ ପରିବେଶ ଦିବସ । ୧୯୭୪ ମସିହା ଜୁନ୍ ୫ ତାରିଖରୁ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇ ଆସୁଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଭୂମିର ପୁନରୁଦ୍ଧାର, ମରୁଭୂମିକରଣ ଓ ମରୁଡ଼ିର ପ୍ରତିରୋଧ' । ପରିବେଶ ପ୍ରତି ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ ମନେପକେଇବା ଏବଂ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପରିବେଶ ସୁରକ୍ଷା ଦିଗରେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ପୃଥିବୀ ମା'କୁ ସୁରକ୍ଷା ଦେବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ସେ କହିଛନ୍ତି ।

ବିଜେପିର ବରିଷ୍ଠ ନେତା **ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ** ବିଶ୍ୱ ପରିବେଶ ଦିବସରେ ଆଜି ଜନସାଧାରଣଙ୍କୁ ପରିବେଶ ପ୍ରତି ସଚେତନ କରିବା ପାଇଁ ଏକ ଅଭିଯାନ 'ଏକ ପେଡ଼ ମା' କେ ନାମ' ଅର୍ଥାତ 'ଗୋଟିଏ ବୃକ୍ଷ ମା'ଙ୍କ ନାମରେ' ଆରମ୍ଭ କରିଛନ୍ତି । ନୂଆଦିଲ୍ଲୀ ସ୍ଥିତ ବୁଦ୍ଧଜୟନ୍ତୀ ପାର୍କରେ ଚାରାରୋପଣ କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ବରିଷ୍ଠ ବିଜେପି ନେତା ଭୂପେନ୍ଦ୍ର ଯାଦବ, ଦିଲ୍ଲୀର ଉପରାଜ୍ୟପାଳ ପ୍ରମୁଖ ଉପସ୍ଥିତ ଥିଲେ ।

ବିଶ୍ୱ ପରିବେଶ ଦିବସ ଅବସରରେ ସାମାଜିକ ଗଣମାଧ୍ୟମରେ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇ କହିଛନ୍ତି, ଏକକ ବ୍ୟବହାର ପ୍ଲାଷ୍ଟିକ ହଟାଇବା, ବର୍ଜ୍ୟବସ୍ତୁ ହ୍ରାସ କରିବା, ଜଳସଂରକ୍ଷଣ କରିବା ଏବଂ ଜଙ୍ଗଲକୁ ପୁନରୁଦ୍ଧାର କରିବା, ସବୁଜ ସ୍ୱାସ୍ଥ୍ୟକର ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ପାଇଁ ଆମ ପରିବେଶକୁ ସୁରକ୍ଷା ଏବଂ ସଂରକ୍ଷଣ କରିବା ପାଇଁ ଜନସାଧାରଣଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲା ବନବିଭାଗ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା ସହ ପ୍ଲାଷ୍ଟିକ ପ୍ରଦୁ୍ୟଷଣ

ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଛି ।

ନବରଙ୍ଗପୁର ଜିଲ୍ଲାରେ ବନବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପରିବେଶ ସୁରକ୍ଷାରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

***Desk***

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ ଦିନ ମଧ୍ୟରେ ଓଡ଼ିଶାରେ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଛି । ଏହାର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।  ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି  ।

ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ନେଇ ଆଜି ପାଇଁ ବୌଦ୍ଧ,, କନ୍ଧମାଳ, ନୂଆପଡା, ବଲାଙ୍ଗିର, ସୁବର୍ଣ୍ଣପୁର ଓ ବରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*********************************